ବିଦ୍ୟାଳୟ ପରିକ୍ରମା

ଶ୍ରେଣୀଗୃହ ବିପଦସଙ୍କୁଳ, ପାଣି ପାଇଁ ହନ୍ତସନ୍ତ

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ସ୍ଥାପିତ - ୧୯୬୯
ସେକ୍ଟର-୧, ରାଉରକେଲା-୮
ଓଡ଼ିଆ ଓ ହିନ୍ଦୀ ମାଧ୍ୟମ

ସେକ୍ଟର-୧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ସମସ୍ତ ପିଲାଙ୍କୁ ପ୍ରାଥମିକ ଶିକ୍ଷା ନିଶ୍ଚିତ କରିବା ପାଇଁ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରି କି ସ୍କୁଲଗୁଡ଼ିକ ପାଇଁ ବ୍ୟାପକ ଅନୁଦାନ ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ଭିତ୍ତିଭୂମି ଅଭାବରୁ ଅନେକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାରେ ବହୁ ସମସ୍ୟା ଦେଖାଦେଉଛି। ରାଉରକେଲା କାରଖାନା ଟାଉନଶିପସ୍ଥିତ ସେକ୍ଟର-୧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହାର ଜ୍ୱଳନ୍ତ ଉଦାହରଣ। ଏଠାରେ ଶ୍ରେଣୀଗୃହ ଥିଲେ ମଧ୍ୟ ଏହା ପୁରୁଣା ହୋଇଯାଇଥିବାରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେହିପରି ପାଣି ପାଇଁ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଲ ପିଇବା ପାଣି ଟିକେ ମିଳୁ ନ ଥିବାବେଳେ ଶୌଚାଳୟକୁ ମଧ୍ୟ ଜଳ ଯୋଗାଣ ହୋଇପାରୁ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

୧୯୬୯ରେ ସ୍ଥାପିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରଥମେ ଇସ୍ପାତ କାରଖାନା ଦ୍ୱାରା ଏହି ବିଦ୍ୟାଳୟ ପରିଚାଳିତ ହେଉଥିଲା। ପରେ ଏହା ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନକୁ ଆସିଲା। ଏହି ବିଦ୍ୟାଳୟରେ ମୋଟ ୧୬୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଶିଶୁ ବାଟିକାରେ ୫, ପ୍ରଥମ ଶ୍ରେଣୀରେ ୯, ଦ୍ୱିତୀୟରେ ୧୨, ତୃତୀୟରେ ୧୧, ଚତୁର୍ଥରେ ୨୧, ପଞ୍ଚମରେ ୩୨, ଷଷ୍ଠରେ ୨୯, ସପ୍ତମରେ ୨୮ ଏବଂ ଅଷ୍ଟମ ଶ୍ରେଣୀରେ ୧୯ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୫ ଶିକ୍ଷୟିତ୍ରୀ ରହିଛନ୍ତି। ବର୍ତ୍ତମାନ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ରା ବ୍ଲକ ଏବିଇଓ ଦାୟିତ୍ୱରେ ଥିବାରୁ ସେ ଅଧିକାଂଶ ସମୟ ପାଠ ପଢାଇ ପାରୁନାହାନ୍ତି। ଫଳରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ପ୍ରତ୍ୟେକ ଶ୍ରେଣୀ ପାଇଁ ଆବଶ୍ୟକ ଶ୍ରେଣୀଗୃହ ଥିବାବେଳେ ଏହାକୁ ମରାମତି କରାଯାଉନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହ ଜଳାର୍ଣ୍ଣବ ହୋଇଉଠୁଛି। ଅଧିକ ବର୍ଷା ହେଲେ ବିଦ୍ୟାଳୟକୁ ଛୁଟି ଘୋଷଣା କରିବାକୁ ପଡୁଛି। ବିଦ୍ୟାଳୟରେ ବର୍ଷତମାମ ପାନୀୟ ଜଳ ସମସ୍ୟା ଲାଗି ରହୁଛି। ପାନୀୟ ଜଳ ପାଇଁ ୨ଘଣ୍ଟା ଟ୍ୟାପ୍ ଜଳଯୋଗାଣ ଉପରେ ନିର୍ଭର କରିବାକୁ ପଡୁଛି। ପୁରୁଣା ପାଣିଟାଙ୍କି ଅବ୍ୟବହୃତ ହୋଇପଡ଼ିରହିଛି। ୱାଟର କୁଲର ଏବଂ ଛାତ ଉପରେ ବାଥରୁମ୍ ପାଣିଟାଙ୍କି ନଷ୍ଟ ହୋଇଗଲାଣି। ସେହିପରି ଏଠାରେ ୩ଟି ବାଳିକା ଓ ୩ଟି ବାଳକ ଏବଂ ଶିକ୍ଷକମାନଙ୍କ ପାଇଁ ଗୋଟିଏ ଶୌଚାଳୟ ରହିଛି। ହେଲେ ବିଦ୍ୟାଳୟରେ ଥିବା ବୋର୍ ୱେଲ୍ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଶୌଚାଳୟଗୁଡ଼ିକୁ ଜଳଯୋଗାଣ ହୋଇପାରୁନାହିଁ। ବିଦ୍ୟାଳୟ ପରିସରରେ ବର୍ଷାଜଳ ନିଷ୍କାସନ ପାଇଁ ଥିବା ଡ୍ରେନ ପୋତି ହୋଇଯାଇଛି। ଶ୍ରେଣୀଗୃହ, ଅଫିସ, ବାରଣ୍ଡା ଛାତର ପ୍ଲାଷ୍ଟର ଛାଡ଼ିଯାଇଥିବାବେଳେ ଅନେକ ସ୍ଥାନ ଭାଙ୍ଗିରୁଜି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଶ୍ରେଣୀରେ ସ୍ମାର୍ଟ ବୋର୍ଡ, ଖେଳ ଉପକରଣ ମଧ୍ୟ ନାହିଁ।

ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ବବିତା ଚୌଧୁରୀ କହିଛନ୍ତି, ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ରହିଛି। ବିପଦସଙ୍କୁଳ କୋଠାରେ ସାମାନ୍ୟ ବର୍ଷା ହେଲେ ପାଣି ଭରିଯାଉଛି। ଫଳରେ ଛୁଟି ଘୋଷଣା କରାଯାଉଛି। ପିଲାମାନେ ଅସୁବିଧାରେ ପାଠ ପଢୁଛନ୍ତି। ଜଳାଭାବ ଯୋଗୁ ଶୌଚାଳୟ ପରିତ୍ୟକ୍ତ ହୋଇପଡିଛି। ତେବେ ଜଳାଭାବର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଚୌଧୁରୀ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଦଳେଇ କହିଛନ୍ତି, ପୁରୁଣା କୋଠା ଯୋଗୁ ଏହାର ରକ୍ଷଣାବେକ୍ଷଣ ଦରକାର ପଡୁଛି। ସ୍କୁଲରେ ସ୍ମାର୍ଟ ବୋର୍ଡ ଓ ଅନ୍ୟ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ନାହିଁ। କ୍ରୀଡ଼ା ଶିକ୍ଷକ ନାହାନ୍ତି। ପାନୀୟ ଜଳ ସମସ୍ୟା ରହିଛି। ବୋରିଂ ବ୍ୟବସ୍ଥା ଫେଲ୍ ହୋଇଛି। ସ୍କୁଲରୁ ମୋଟର ଚୋରି ହେବା ପରେ ଉପର ଟାଙ୍କିଗୁଡ଼ିକୁ ପାଣି ଯୋଗାଣ କରାଯାଇ ପାରୁନାହିଁ। ଏଥିପାଇଁ ଟାଙ୍କିଗୁଡ଼ିକ ପରିତ୍ୟକ୍ତ ହୋଇ ରହିଛି। ସେହିପରି ମାତ୍ର ୨/୩ ଘଣ୍ଟା ଟ୍ୟାପ୍ ଜଳଯୋଗାଣ ହେଉଥିବାରୁ ଏହାକୁ ଟପ୍ ଓ କୁଣ୍ଡରେ ସଂଗ୍ରହ କରାଯାଉଛି। ସ୍କୁଲ ମରାମତି ପାଇଁ ମୋ ସ୍କୁଲ ଅଭିଯାନରେ ମାତ୍ର ୩୦ ହଜାର ଟଙ୍କା ଆସିଥିଲା। ଜଳ ସମସ୍ୟା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ଦଳେଇ କହିଥିଲେ। ସିଆର୍‌ସିସି ସିପ୍ରା ସାହୁ ମଧ୍ୟ ବିଦ୍ୟାଳୟର ସମସ୍ୟା ନେଇ ଅନୁରୂପ ମତବ୍ୟକ୍ତ କରିଛନ୍ତି।

ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ଦମନଲୀଳା ଅସହ୍ୟ: ଇଣ୍ଡିଆ ବ୍ଲକ

ଭୁବନେଶ୍ୱର,୧୧।୧୦(ରବିନାରାୟଣ ଜେନା)

ଭୋଟ ବଞ୍ଚାଅ
ଦେଶ ବଞ୍ଚାଅ
ଭୋଟ ବଞ୍ଚାଅ
ଦେଶ ବଞ୍ଚାଅ

ମାଷ୍ଟରକ୍ୟାଣ୍ଟିନଠାରୁ ବାହାରିଥିବା ଇଣ୍ଡିଆ ବ୍ଲକର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ଲୋୟର ପିଏମ୍‌ଜି ଆଡ଼କୁ ଯାଉଛନ୍ତି।

ଦେଶରେ ଗଣତନ୍ତ୍ରର ସୁରକ୍ଷା ଏବଂ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଶନିବାର ଆୟୋଜିତ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାପାଇଁ ପୋଲିସ ଯେଭଳି ଭାବେ ଦମନମୂଳକ ପଦକ୍ଷେପ ନେଇଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଇଣ୍ଡିଆ ବ୍ଲକ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରୁ ଇଣ୍ଡିଆ ବ୍ଲକର ଏକ ମିଳିତ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିଠାରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଶନିବାର ଯନ୍ତରମନ୍ତରଠାରେ ପୋଲିସ ଯେଭଳି ଭାବେ ଛାତ୍ରୀମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କଲା ତାହା ଅତ୍ୟନ୍ତ ନିନ୍ଦନୀୟ। ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ କରିବା ପାଇଁ ଦେଶର ଗୃହ ମନ୍ତ୍ରଣାଳୟ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରି ଦେଇଥିଲା। ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟାଳୟଗୁଡ଼ିକୁ ପୋଲିସ ଘେରାବନ୍ଦୀ କରି ରଖିଥିଲା। ବିଭିନ୍ନ ରାସ୍ତାରେ ବ୍ୟାରିକେଡ୍ ଲଗାଯିବା ସହ ଦେଶର ରାଜଧାନୀ ଦିଲ୍ଲୀକୁ ଆସୁଥିବା ଲୋକମାନଙ୍କୁ ଟ୍ରେନ୍, ମେଟ୍ରୋ ଓ ବିମାନରୁ ଓହ୍ଲାଇବା ପରେ ଗିରଫ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲାଠିଚାଳନା ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯିବା ସହ ଛାତ୍ରୀଛାତ୍ର, ବିଭିନ୍ନ ଗଣସଂଗଠନର କର୍ମୀ ଓ ରାଜନୈତିକ ନେତୃବୃନ୍ଦଙ୍କ ସମେତ ୭ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରି ଅଟକ ରଖାଯାଇଥିଲା। ମୋଦି-ଅମିତ୍ ଶାହାଙ୍କ ନେତୃତ୍ୱାଧୀନ ସରକାରର ଏହି ଯୋଜନାବଦ୍ଧ ଆକ୍ରମଣ ବିରୋଧରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଜାରି ରଖିବା ସହ ଜ୍ଞାନେଶ କୁମାରଙ୍କୁ ବରଖାସ୍ତ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ମେଣ୍ଟ ଆହ୍ୱାନ ଦେଇଛି। ଯେ ପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ପଦରୁ ବରଖାସ୍ତ କରାଯାଇ ନାହିଁ, ଏସ୍‌ଆଇଆର୍‌ରୁ ବାଦ୍ ପଡ଼ିଥିବା ଭୋଟରମାନଙ୍କ ନାମ ପୁନର୍ବାର ତାଲିକାରେ ସାମିଲ କରା ନ ଯାଇଛି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସାଲୁଜା କହିଛନ୍ତି। ଆଜିର ଏହି ପ୍ରତିବାଦ ସଭାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନବାଦୀ) ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଓ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

ଛାତ୍ରସଂସଦ ନିର୍ବାଚନକୁ ନେଇ ବର୍ଷିଲା ବିଜେଡି

ହିଂସାକୁ ଭାଜପା ଅସ୍ତ୍ର କରିଛି

ଭୁବନେଶ୍ୱର,୧୧।୧୦(ରବିନାରାୟଣ ଜେନା)

ପୋଲସରା, ବୁଗୁଡ଼ା, ବାଲିପଦର ତଥା ଗଞ୍ଜାମରେ ଛାତ୍ର ସଂସଦ ନିର୍ବାଚନକୁ ନିଜ ଆଡ଼କୁ ନେବାପାଇଁ ଭାଜପା ହିଂସାକୁ ଅସ୍ତ୍ର କରିଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ସାହୁ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ପରେ ପୋଲସରା, ବୁଗୁଡ଼ା ଓ ବାଲିପଦର କଲେଜରେ ବିଜୁ ଛାତ୍ର ଜନତା ଦଳର ବିଜୟ ସମ୍ଭାବନା ସର୍ବାଧିକ ଥିବା ଜାଣି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥାନୀୟ ପ୍ରଶାସନ ଓ ଅସାମାଜିକ ବ୍ୟକ୍ତିଙ୍କ ଜରିଆରେ ପ୍ରାର୍ଥୀ ଓ ତାଙ୍କ ପରିବାର ଉପରେ ଚାପ ପ୍ରୟୋଗ କରି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଉଛନ୍ତି। ବିଭିନ୍ନ ପ୍ରକାର ହିଂସାକାଣ୍ଡ ପରେ ସ୍ଥାନୀୟ ପୋଲିସକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ବିଜେଡି ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା କହିଛନ୍ତି, ମନ୍ତ୍ରୀ ଗୋକୁଳାନନ୍ଦ କେବଳ ଯେ ପୋଲିସ ଓ ଗୁଣ୍ଡାଙ୍କୁ ଲଗାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଉଛନ୍ତି ତାହା ନୁହେଁ, ପ୍ରଶାସନିକ କଳର ଅପବ୍ୟବହାର କରୁଛନ୍ତି। ମନ୍ତ୍ରୀ ମଲ୍ଲିକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଷୟରେ ରବିବାର ଯାହା କହିଛନ୍ତି, ତାହା ନିନ୍ଦନୀୟ। ଆଗାମୀ ଦିନରେ ଓଡ଼ିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି ପଣ୍ଡା କହିଛନ୍ତି।

ଖଡ଼ିଆଳ ମହାବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା

ଖଡ଼ିଆଳ,୧୧।୧୦
(ସୁଜିତ କୁମାର ପ୍ରଧାନ)

ହଷ୍ଟେଲ ଛାଡ଼ିଲେ ଛାତ୍ରୀଛାତ୍ର

ଛାତ୍ର ସଂସଦ ନିର୍ବାଚନ କରାଇବାକୁ ଦାବି କରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କର୍ତ୍ତୃପକ୍ଷ ରବିବାର ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ଫଳରେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର ନିଜ ଘରକୁ ଚାଲିଯାଇଛନ୍ତି। ମହାବିଦ୍ୟାଳୟ ଫାଟକ ନିକଟରେ ପୋଲିସ ଫୋର୍ସ ଜଗି ରହିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ନେଇ ମହାବିଦ୍ୟାଳୟ ପରିସରରେ ଅଶାନ୍ତ ଓ ଅନିୟନ୍ତ୍ରଣ ପରିସ୍ଥିତି ଯୋଗୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଜିଲାପାଳଙ୍କୁ ଏହି ଘଟଣା ସମ୍ପର୍କରେ ଅବଗତ କରି ନିର୍ବାଚନ ବନ୍ଦ କରିବା ସହ ସାଇନ-ଏ-ଡାଏ ଘୋଷଣା ପାଇଁ ଅନୁରୋଧ କରିଥିଲେ।

ଛାତ୍ର ସଂସଦ ନିର୍ବାଚନ ବାତିଲ ହେବାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଥିଲା। ମଧ୍ୟାହ୍ନରେ ଏବିଭିପି ସମର୍ଥିତ ସଭାପତି ପ୍ରାର୍ଥୀ ପରି ତଣ୍ଡନଙ୍କ ସମେତ ୧୩ ଜଣ କ୍ଲାସ ରିପ୍ରେଜେଣ୍ଟେଟିଭ ପ୍ରାର୍ଥୀ ମହାବିଦ୍ୟାଳୟ ପରିସରରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟ ନିର୍ବାଚନ କରାଯାଉ ବୋଲି ଦାବି କରିଥିଲେ। ଅନୁରୂପ ଭାବେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ଯଶ କୁମାର ଦଣ୍ଡସେନା ତାଙ୍କ ସମର୍ଥକଙ୍କ ସହ ଆସି ନାରାବାଜି କରିଥିଲେ। ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବାକୁ ସୁଯୋଗ ଦିଆଯାଉ ବୋଲି ଦାବି କରିଥିଲେ।

No.4001/357/2627
idco | ODISHA NEW OPPORTUNITIES

OFFICE OF THE DIVISIONAL HEAD,
IDCO ROURKELA DIVISION, ROURKELA-769004

Tender Call Notice No. IDCO/RKL/CIV/E/1965/2026-2027/1479 DTD : 06.10.26

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1.	Construction of Boundary wall and RCC Drain for Pump House and Septic Tank at Kalunga	₹ 17.53 Lakhs	04 (Four) Calendar Months

1. Other details

Procurement Officer	Bid Reference No.	Availability of Tender on-Line for Bidding	
		From	To
1	2	3	4
Divisional Head, IDCO, Rourkela Division, Rourkela	Bid Ref. No. DH/RKL/ CIV/E-05/2026-27	17:00 Hours of dt.15.10.2026	17:00 Hours of dt.30.10.2026

Further details can be seen from the e-procurement portal www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd./- Divisional Head
OIPR-4001/4075/1/26-27/0130 IDCO, Rourkela Division

कार्यालय अधीक्षक सबजेल रहली जिला सागर
विज्ञप्ति
क.10/स्था/26/रहली दिनॉक - 05.10.2026

श्री राज आहिरवार प्रहरी जिला जेल दमोह के बिरूद्ध कार्यालय अधीक्षक केन्द्रीय जेल सागर के आदेश क्रमॉक 32 /स्था/26 दिनॉक 21.01.2026 के द्वारा बिभागीय जॉच संस्थित की गई।

उपरोक्त कर्मचारी के बिरूद्ध संस्थित बिभागीय जॉच मे
(1) श्री हेमंत आहिरवार निवासी ग्राम बडतुमा तहसील सागर जिला सागर
(2) श्री कनिष्ठ राणा पिता कृष्णा राणा ग्राम बारटोला पोस्ट पदुरपडा थाना मना मुन्डा जिला बोद्ध उडीसा

अभियोजन साक्षी होने से नीचे दर्शित कार्यालयीन पत्रो के माध्यम से बिभागीय जॉच मे कथन अभिलिखित कराने हेतु लिखा गया किन्तु अभियोजन साक्षी निर्धारित दिनॉक को उपस्थित नही हुये।
(1) कार्यालय अधीक्षक सबजेल रहली पत्र क्रमॉक 277-282 /स्था/26 दिनॉक 20.03.2026
(2) कार्यालय अधीक्षक सबजेल रहली पत्र क्रमॉक 397-398 /स्था/26 दिनॉक 18.04.2026
(3) कार्यालय अधीक्षक सबजेल रहली पत्र क्रमॉक 506-507 /स्था/26 दिनॉक 12.05.2026
(4) कार्यालय अधीक्षक सबजेल रहली पत्र क्रमॉक 647-648 /स्था/26 दिनॉक 21.06.2026
(5) कार्यालय अधीक्षक सबजेल रहली पत्र क्रमॉक 727-728 /स्था/26 दिनॉक 10.07.2026
(6) कार्यालय अधीक्षक सबजेल रहली पत्र क्रमॉक 925-926 /स्था/26 दिनॉक 06.08.2026
(7) कार्यालय अधीक्षक सबजेल रहली पत्र क्रमॉक 1020-1021 /स्था/26 दिनॉक 31.08.2026

अतः अभियोजन साक्षी (1) श्री हेमंत आहिरवार निवासी ग्राम बडतुमा तहसील सागर जिला सागर (2) श्री कनिष्ठ राणा पिता कृष्णा राणा ग्राम बारटोला पोस्ट पदुरपडा थाना मनामुन्डा जिला बौद्ध उडिसा अभियोजन साक्षी होने से आगामी बिभागीय जॉच की निर्धारित तिथि दिनॉक 16.10.2026 को कार्यालय सबजेल रहली जिला सागर पर निर्धारित समय प्रातः 11:00 बजे कार्यालय पर उपस्थित होवे।

Sd./- गणेश सिंह
सहायक जेल अधीक्षक
सब जेल रहली
G-19796/26

ପୌର ପରିଷଦ, ଭଞ୍ଜନଗର
ଜିଲ୍ଲା-ଗଞ୍ଜାମ, (ଓଡ଼ିଶା), ପିନ୍ -୭୬୧୧୨୬
ଇ-ମେଲ୍ :bhanjanagar.hud@nic.in, ଦୂରଭାଷ:୦୬୮୨୧-୨୬୦୦୦୯
ପତ୍ରସଂଖ୍ୟା 2752 ବିଜ୍ଞାପନ ତାରିଖ: 7.10.26

No.13001/2144/2627:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭଞ୍ଜନଗର ପୌରପରିଷଦ ଅଧୀନସ୍ଥ ଡେଲ ଗ୍ରାଉଣ୍ଡ ଅନ୍ତର୍ଭୁକ୍ତ ଥିବା ହୋଟେଲ ଗୃହକୁ ଭଡା ସୂତ୍ରରେ ଦେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ ସାଦା କାଗଜରେ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ ଭଞ୍ଜନଗରଙ୍କ ନିକଟରେ ତା.୦୮.୧୦.୨୦୨୬ ରିଖଠାରୁ ତା.୧୬.୧୦.୨୦୨୬ ରିଖ ଅପରାହ୍ନ ଘ.୩.୦୦ ମି ମଧ୍ୟରେ ଆବେଦନ କରିପାରିବେ । ଆବେଦନ ତାରିଖ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣଯୋଗ୍ୟ ନୁହେଁ । ହୋଟେଲ ଗୃହ ଆବଣ୍ଟନ ପ୍ରକ୍ରିୟା ଲଟେରି ମାଧ୍ୟମରେ ତା.୧୬.୧୦.୨୦୨୬ ରିଖ ଅପରାହ୍ନ ଘ.୦୪.୩୦ ମି ସମୟରେ ଭଞ୍ଜନଗର ପୌର ପରିଷଦ କାର୍ଯ୍ୟାଳୟରେ କରାଯିବ । ଭଞ୍ଜନଗର ପୌର ପରିଷଦ କାର୍ଯ୍ୟାଳୟର କୌଣସି ଟିକସ ବାକିଥିଲେ, ତାହା ପରିଶୋଧ କରିବା ଜରୁରୀ । ହୋଟେଲ ଗୃହ ଆବଣ୍ଟିତ ହେଲାପରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଭଡା ସୂତ୍ରରେ ଦେଇପାରିବେ ନାହିଁ କିମ୍ବା ହୋଟେଲ ଗୃହରେ କୌଣସି ମାଦକ ଦ୍ରବ୍ୟ ତଥା ନିଶା କାରବାର ଇତ୍ୟାଦି ସରକାରଙ୍କ ଦ୍ୱାରା ନିଷେଧ ସାମଗ୍ରୀ ବିକ୍ରୟ କରିପାରିବେ ନାହିଁ ବୋଲି ଘୋଷଣାନାମା (undertaking) ଦାଖଲ କରିବେ । ହୋଟେଲ ଗୃହ ପାଇବାକୁ ଯୋଗ୍ୟ ବିବେଚିତ ହେଲା ପରେ ହୋଟେଲ ଗୃହ ନିମନ୍ତେ ଅମାନତ ବାବଦକୁ ଟ.୨୦,୦୦୦/-ଙ୍କା (କୋଡ଼ିଏ ହଜାର) ଏବଂ ଭଡ଼ା ବାବଦକୁ ମାସକୁ ଟ.୩୦୦୦/-ଙ୍କା (ତିନି ହଜାର) ପୌର ପରିଷଦ କାର୍ଯ୍ୟାଳୟ, ଭଞ୍ଜନଗରଙ୍କଠାରେ ଦୋକାନ ଆବଣ୍ଟିତ ହେବାର ୧୫ ଦିନ ମଧ୍ୟରେ ଦୈ କରି ନିଜ ଖର୍ଚ୍ଚରେ ହୋଟେଲ ଗୃହ ପାଇଁ ଚୁକ୍ତିନାମା କରିବାପରେ ତାଙ୍କୁ ଚାବି ହସ୍ତାନ୍ତର କରାଯିବ । ଯେଉଁ ବ୍ୟକ୍ତିବିଶେଷ ହୋଟେଲ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ସେମାନେ ସମୟସୀମା ମଧ୍ୟରେ ଧାର୍ଯ୍ୟ ଅମାନତ ରାଶି ଦୈ କରିବେ ନଚେତ ସେମାନଙ୍କ ଚୟନ ବା ଆବଣ୍ଟିତ ହୋଇଥିବା ଗୃହ ଖାରଜ କରାଯିବ । ଆବେଦନକାରୀ ଆବେଦନ କରିବା ପୂର୍ବରୁ ଉପରୋକ୍ତ ଗୃହଗୁଡିକୁ ଭଲ ଭାବେ ଦେଖି ଆବେଦନ କରନ୍ତୁ ଏବଂ ଉକ୍ତ ସ୍ଥାନରେ ନିଜ ଖର୍ଚ୍ଚରେ ବିଦ୍ୟୁତ୍ ସଂଯୋଗ କରିବେ । ଦରଖାସ୍ତଗୁଡିକ ଗ୍ରହଣ/ନାକଚ କିମ୍ବା ଆବଣ୍ଟନ ସମ୍ବନ୍ଧୀୟ କୌଣସି ନିର୍ଣ୍ଣୟ କରିବାର କ୍ଷମତା ପରିଷଦର ଅଧିକାରରେ ରହିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13001/13144/1/26-27/0022 ପୌର ପରିଷଦ, ଭଞ୍ଜନଗର

See Career Appointment on every Wednesday & Saturday

GOVERNMENT OF CHHATTISGARH,
WATER RESOURCES DEPARTMENT
OFFICE OF THE CHIEF ENGINEER
MAHANADI PROJECT, WATER RESOURCES DEPARTMENT, RAIPUR (CHHATTISGARH)
e-Procurement Tender Notice
e-Procurement Portal : https://eproc.cgstate.gov.in
Tender Cancellation Notice

Due to Technical reason, System Tender Number 199529/NIT No.: 02/SAC/26-27, Dated : 18.09.2026, Name of work - Construction of Balance Earth Work, Balance work of 14 Nos. Masonary Structures and Construction of 1 No. Drainage Syphon and 7 Nos. Direct Outlet of Rajiv Samoda Nisda Diversion Scheme (Phase-II) Main Canal from RD 49.99 Km to 61.30 Km whose G-Number is 262703402/3 Dtd. 21/09/2026 is here by cancelled.

Sd./- Executive Engineer
M.R.P. Phase-II Work Division, Raipur
For, Chief Engineer,
Mahanadi Project, Raipur (C.G.)
G-262703868/1
Endt. No.2278/SAC/2026-27 Dated : 08.10.2026

ROURKELA DEVELOPMENT AUTHORITY
UDITNAGAR : ROURKELA - 769012
No. 2227/RDA., dated 01.10.26
PROCLAMATION

No.13001/2142/2627 : It is hereby informed to the General Public that 1) Anita Mishra, 1) D/o Late Nityananda Patra & W/o Ratan Ku.Mishra. 2) Sumer Ranjan Samal, S/o Late Dillip Samal and 3) Rakesh Ku.Nayak, S/o Rajendra Kumar Nayak have applied for permission for transfer of allotment of House No.C2L2/327, Phase-II, under Chhend Housing Project, Chhend, Rourkela-15 in favour of Sanyasi Subudhi, S/o Late Arakhit Subudhi. If anybody has got objection to the proposed transfer, He/She may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
OIPR-13001/13250/1/26-27/0037 Rourkela Development Authority

IndusInd Bank
ଆଞ୍ଚଳିକ କାର୍ଯ୍ୟାଳୟ:
ସାବିତ୍ରୀ ଟାୱାର, ୩ଏ, ଅପର୍ ଉଡ୍ ଷ୍ଟ୍ରିଟ୍,
କୋଲକାତା ୭୦୦୦୧୭

ପରିଶିଷ୍ଟ-IV-A
[ନିୟମ ୮ (୬)ର ପ୍ରାବଧାନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ ୨୦୦୨ର ନିୟମ ୮ (୬)ର ପ୍ରାବଧାନ ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ନୋଟିସ ।

ଏତଦ୍ଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ଋଣଗ୍ରହୀତା(ଗଣ) ଓ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବେ ନୋଟିସ ଦିଆଯାଉଛି କି, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜ୍ଡ୍ ହୋଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍, ସୁରକ୍ଷିତ ଋଣଦାତାଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ତା୨୯।୧୦।୨୦୨୬ରିଖରେ, ମେସର୍ସ ରିଦ୍ଧି ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ (ଋଣଗ୍ରହୀତା), ନବୀନ କୁମାର ଜୈନ (ଭାଗୀଦାର ଓ ଗ୍ୟାରେଣ୍ଟିଦାତା), ନିଶାନ୍ତ କୁମାର ଜୈନ (ଭାଗୀଦାର ଓ ଗ୍ୟାରେଣ୍ଟିଦାତା), ଫୋଲି ଦେବୀ ଜୈନ (ଫୁଲି ବାଈ ଜୈନ ଭାବେ ମଧ୍ୟ ପରିଚିତ) (ଗ୍ୟାରେଣ୍ଟିଦାତା ତଥା ବନ୍ଧକଦାତା), ସରିତା ଜୈନ (ଗ୍ୟାରେଣ୍ଟିଦାତା) ଏବଂ ସ୍ୱର୍ଗତ ଭିଖୁ ରାମ ଜୈନ (ତାଙ୍କର ଆଇନଗତ ଉତ୍ତରାଧିକାରୀ(ଗଣ)ଙ୍କ ଜରିଆରେ ପ୍ରତିନିଧିତ୍ୱରେ)ଙ୍କଠାରୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିମିଟେଡ୍, ସୁରକ୍ଷିତ ବନ୍ଧକଦାତାଙ୍କୁ ତା୩୦।୦୯।୨୦୨୬ରିଖ ସୁଦ୍ଧା ଦେୟ ରହିଥିବା ଟ.୪୬,୯୩,୩୨,୮୨୮.୪୧/- (ଛୟାଳିଶ କୋଟି ତେୟାନବେ ଲକ୍ଷ ବତିଶ ହଜାର ଆଠଶହ ଅଠେଇଶ ଟଙ୍କା ଏକଚାଳିଶ ପଇସା ମାତ୍ର) ତଥା ତା୦୧।୧୦।୨୦୨୬ରିଖରୁ ଚୁକ୍ତିମୂଳକ ହାରରେ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ବିକ୍ରୟ କରାଯିବ । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ନିରୀକ୍ଷଣ ତାରିଖ ରାଶି ତଳେ ଦର୍ଶାଯାଇଛି ।

ସୁରକ୍ଷିତ ପରିସମ୍ପତ୍ତିର ବର୍ଣ୍ଣନା	ଜ୍ଞାତସାରରେ ଥିବା ଋଣଭାର	ସଂରକ୍ଷିତ ମୂଲ୍ୟ	ଇଏମ୍‌ଡି
ସମ୍ପତ୍ତି-୧: ପ୍ଲଟ୍ ନଂ.:୨୫୩୧/୪୦୫୯, ଖାତା ନଂ.: ୮୫୨/୨୫୯; ୱାର୍ଡ ନଂ.୦୫, ହୋଲ୍ଡିଂ ନଂ.୭୫; ରକବା: ୦.୦୯୪ ଏକର, (ପରିମାପ ୪୦୯୫ ବର୍ଗ ଫୁଟ), ଜିଲ୍ଲା: ବଲାଙ୍ଗିର, ତହସିଲ: ଟିଟିଲାଗଡ଼, ମୌଜା: ଟିଟିଲାଗଡ଼ (କେଏ)ଠାରେ ଅବସ୍ଥିତ ଜମି ଓ ବିଲ୍ଡିଂର ସମସ୍ତ ଭାଗ ଓ ଅଂଶବିଶେଷ; (କିସମ- ଘରବାରି ଏକ); ଚଉହଦି: ଉତ୍ତର: ଇନ୍ଦର ଭୋଇଙ୍କ ସମ୍ପତ୍ତି; ଦକ୍ଷିଣ: ହନୁମାନ ପ୍ରସାଦ ଅଗରୱାଲଙ୍କ ଘର, ପୂର୍ବ: ତିଲକ ଜୈନଙ୍କ ଘର ଓ ପଶ୍ଚିମ: ରାସ୍ତା । ସମ୍ପତ୍ତିର ବର୍ଣ୍ଣନା ଅଧିକ ପୂର୍ଣ୍ଣ ଓ ସବିଶେଷ ଭାବେ ଭିଖୁରାମ ଜୈନଙ୍କ ନାମରେ ପଞ୍ଜୀକୃତ ବିକ୍ରି କବଲା ନଂ.୧୭୧୬/୧୯୮୩ ତାରିଖ: ୦୩।୦୬।୧୯୮୩ରେ ଦର୍ଶାଯାଇଛି । ***ଦୟାକରି ଧ୍ୟାନରେ ରଖନ୍ତୁ ଯେ ଭିଖୁରାମ ଜୈନଙ୍କ ମୃତ୍ୟୁ ପରେ ସମ୍ପତ୍ତି ଫୋଲି ଦେବୀ ଜୈନ (ଫୁଲି ବାଈ ଜୈନ ଭାବେ ମଧ୍ୟ ପରିଚିତ)ଙ୍କ ନାମରେ ସ୍ଥାନାନ୍ତରିତ ହୋଇଛି । ସମ୍ପତ୍ତି-୨: ପ୍ଲଟ୍ ନଂ. ୨୫୩୧; ଖାତା ନଂ.: ୮୫୨/୨୫୮୪, ରକବା: ୦.୧୨୪ ଏକର; ଏବଂ ପ୍ଲଟ୍ ନଂ. ୨୫୫୫/୩୭୧୧ ରକବା: ୦.୦୧୦ ଏକର, ମୋଟ ରକବା ୦.୧୩୪ ଏକର, ୱାର୍ଡ ନଂ.୦୫, ଜିଲ୍ଲା: ବଲାଙ୍ଗିର, ତହସିଲ: ଟିଟିଲାଗଡ଼, ମୌଜା: ଟିଟିଲାଗଡ଼ଠାରେ ଅବସ୍ଥିତ ଜମି ଏବଂ ବିଲ୍ଡିଂର ସମସ୍ତ ଭାଗ ଓ ଅଂଶବିଶେଷ; (କିସମ- ଘରବାରି ଏକ); ଚଉହଦୀ: ଉତ୍ତର: ବି. ଜୈନଙ୍କ ସମ୍ପତ୍ତି; ଦକ୍ଷିଣ: ମହେଶ ଅଗରୱାଲଙ୍କ ଘର, ପୂର୍ବ: ତିଲକ ଚାନ୍ଦ ଜୈନ ଓ ରାଧାଶ୍ୟାମ ଜୈନଙ୍କ ଘର ଏବଂ ପଶ୍ଚିମ: ସଡ଼କ । ସମ୍ପତ୍ତିର ବର୍ଣ୍ଣନା ଅଧିକ ପୂର୍ଣ୍ଣ ଓ ସବିଶେଷ ଭାବେ ଭିଖୁରାମ ଜୈନଙ୍କ ନାମରେ ପଞ୍ଜୀକୃତ ବିକ୍ରି କବଲା ନଂ.: ୧୬୨୭, ତାରିଖ:୨୦।୦୫।୧୯୮୩ ତଥା ମ୍ୟୁଟେସନ ଆଦେଶ ନଂ.୧୧୦୨ ତାରିଖ: ୦୭।୧୧।୨୦୧୩ରେ ଦର୍ଶାଯାଇଛି । ***ଦୟାକରି ଧ୍ୟାନରେ ରଖନ୍ତୁ ଯେ ଭିଖୁରାମ ଜୈନଙ୍କ ମୃତ୍ୟୁ ପରେ ସମ୍ପତ୍ତି ଫୋଲି ଦେବୀ ଜୈନ (ଫୁଲି ବାଈ ଜୈନ ଭାବେ ମଧ୍ୟ ପରିଚିତ)ଙ୍କ ନାମରେ ସ୍ଥାନାନ୍ତରିତ ହୋଇଛି ।	ନାହିଁ/ବ୍ୟାଙ୍କ ଜ୍ଞାତସାରରେ ନାହିଁ	ଟ.୧,୪୨,୨୦,୦୦୦/- (ଏକ କୋଟି ବୟାଳିଶ ଲକ୍ଷ କୋଡ଼ିଏ ହଜାର ଟଙ୍କା ମାତ୍ର)	ଟ.୧୪,୨୨,୦୦୦/- (ଚଉଦ ଲକ୍ଷ ବାଇଶ ହଜାର ଟଙ୍କା ମାତ୍ର)

ନିଲାମର ତାରିଖ ଓ ସମୟ	ତା୨୯।୧୦।୨୦୨୬ରିଖ (ପୂର୍ବାହ୍ନ ୧୧.୩୦ ଘଟିକାରୁ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ)
ଅନ୍‌ଲାଇନ୍ ନିଲାମ ୱେବ୍‌ସାଇଟ୍	https://www.bankeauctions.com
ଅନ୍‌ଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ	ତା୨୮।୧୦।୨୦୨୬ରିଖ (ଅପରାହ୍ନ ୫.୦୦ଟା ପର୍ଯ୍ୟନ୍ତ)
ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ	ଟ.୫୦,୦୦୦/- ମାତ୍ର
ଆଗ୍ରହୀ କ୍ରେତାମାନଙ୍କ ଦ୍ୱାରା ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ	ତା୨୨।୧୦।୨୦୨୬ରିଖ (ପୂର୍ବାହ୍ନ ୧୧.୩୦ ଘଟିକାରୁ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ)
ପ୍ରାଧିକୃତ ଅଧିକାରୀଙ୍କ ଯୋଗାଯୋଗ ବିବରଣୀ	ମୋବାଇଲ ନଂ. ୯୮୭୫୪୩୮୭୮୫, ଇମେଲ୍: rohit.swaroop@indusind.com

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍, ଅର୍ଥାତ୍ www.indusind.bank.in କିମ୍ବା ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ୍ ଅର୍ଥାତ୍ https://www.bankeauctions.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସରଫାଏସି ଅଧିନିୟମର ପ୍ରାବଧାନ/ନିୟମାବଳୀ ଅଧୀନରେ ବିକ୍ରୟ ପାଇଁ ବୈଧାନିକ ୧୫ ଦିନିଆ ନୋଟିସ

ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ଏହାକୁ ଏକ ୧୫ ଦିନିଆ ବିକ୍ରୟ ନୋଟିସ ଭାବେ ବିବେଚନା କରିପାରନ୍ତି । ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏହି ବିକ୍ରୟ ନୋଟିସ ତାରିଖର ୧୫ ଦିନ ମଧ୍ୟରେ ସେମାନଙ୍କର ଉପରଦର୍ଶିତ ଦେୟତାକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବା ଏବଂ ସୁରକ୍ଷିତ ପରିସମ୍ପତ୍ତି ଉପରୁ ବନ୍ଧକକୁ ମୁକୁଳାଇବା ପାଇଁ ଏକ ଶେଷ ଓ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ସୁରକ୍ଷିତ ପରିସମ୍ପତ୍ତିକୁ ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରିଦିଆଯିବ ।

ତାରିଖ: ୧୨।୧୦।୨୦୨୬ ସ୍ୱା./- ପ୍ରାଧିକୃତ ଅଧିକାରୀ
ସ୍ଥାନ: ଟିଟିଲାଗଡ଼, ଓଡ଼ିଶା ଇଣ୍ଡସଇଣ୍ଡ ବ୍ୟାଙ୍କ ଲିଃ

GOVERNMENT OF ODISHA
OFFICE OF THE EXECUTIVE ENGINEER, RWS&S DIVISION, RAYAGADA
E-mail: eerwssrgd@gmail.com, Phone:8280408061
NATIONAL COMPETITIVE BIDDING THROUGH E-Procurement
Tender Identification No:04/RWSS/RGD/2026-27, Dated 07.10.2026

No.25001/1304/2627: 1. Name of the Work: - Construction of twin F type quarter (G+1) for RWSS Division, Rayagada in the District of Rayagada for the year 2026-27 (As detailed in TCN). 2.No. of Works:- 01 No. 3.Estimated Cost:- Rs. 84.49 Lakhs. 4. Tender Paper Cost :- Rs.10000/- each. 5. Class of Contractor:- 'B' Class Contractor. 6.Period of Completion:- 11 (Eleven) Calendar Months. 7. Critical Dates:

Procurement Officer	Bid Identification No.	Availability of Tender Online for Bidding		Last Date of Seeking tender Clarification	Date of Opening the Bid
		From	To		
Executive Engineer, RWS&S Division, Rayagada	04/RWSS/ RGD/2026-27	14.10.2026 at 09.00 Hours	28.10.2026 upto 17.00 Hours	23.10.2026	29.10.2026 at 11.00 Hours

❖Further details can be seen in the bidding documents, which is available in the e-procurement portal https://www.tendersodisha.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

OIPR-25001/25007/1/26-27/0004 Sd./- Executive Engineer, RWS&S Division, Rayagada